# ଖଣି ଉପନିର୍ଦ୍ଦେଶାଳୟ ଆଗରେ ଶ୍ରମିକଙ୍କ ପ୍ରତିବାଦ

## ବିନା ସୂଚନାରେ ଛଟେଇ ଅଭିଯୋଗ

**ଯୋଡ଼ା,୩୧।୫(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟର ରସାୟନ ବିଭାଗରେ କାର୍ଯ୍ୟ କରୁଥିବା ୧୦ ଦିନମଜୁରିଆଙ୍କ ମଧ୍ୟରୁ ୯ ଜଣଙ୍କୁ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର କୌଣସି ସୂଚନା ନ ଦେଇ ଡେପୁଟି ଡାଇରେକ୍ଟର କେମିକାଲ ଆନାଲିସିସ୍ (ଡିଡିସିଏ)ଙ୍କ ପକ୍ଷରୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ଶ୍ରମିକମାନେ କହିଛନ୍ତି। ଏ ନେଇ ଶ୍ରମିକମାନେ ପ୍ରତିବାଦ କରି ଖଣି ଉପନିର୍ଦ୍ଦେଶାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଶ୍ରମିକଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଦୀର୍ଘ ପ୍ରାୟ ୧୩ବର୍ଷ ଧରି ଖଣି ଉପନିର୍ଦ୍ଦେଶାଳୟର ରସାୟନ ବିଭାଗ ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କୌଣସି ସୂଚନା ନ ଦେଇ ବିଭାଗର ଉପ ନିର୍ଦ୍ଦେଶକ ଦସମଥ ସୋରେନ ସେମାନଙ୍କୁ କାର୍ଯ୍ୟରୁ ନିବୃତ କରିଥିଲେ। କାରଣ ସମ୍ପର୍କରେ ମଧ କିଛି କହି ନ ଥିଲେ। ମନୋରଞ୍ଜନ ପାତ୍ର ନ୍ୟାୟାଳୟର ଆଶ୍ରୟ ନେଇଥିବାରୁ ତାଙ୍କୁ କାର୍ଯ୍ୟରୁ ନିବୃତ କରାଯାଇ ନ ଥିଲା। ସେମାନଙ୍କୁ ଛଟେଇ କରିବା ପରେ ଏକ ଘରୋଇ ଖଣି କମ୍ପାନୀର ଶ୍ରମିକ ଆଣି କାର୍ଯ୍ୟ କରାଯାଉଛି। ଯାହାକି ରସାୟନ ବିଭାଗର ବିଶ୍ଳେଷଣର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ହଟାଇ ଖଣି କମ୍ପାନୀର ଶ୍ରମିକଙ୍କୁ ଆଣି କାର୍ଯ୍ୟରେ ନିୟୋଜିତ କରିବା ନେଇ ରସାୟନ ବିଭାଗର କ'ଣ ଉଦ୍ଦେଶ୍ୟ ରହିଛି ବୋଲି ଛଟେଇ ଶ୍ରମିକ ହୋଇମାବତି ମହାନ୍ତ, ଜଗନ୍ନାଥ ମହାନ୍ତ, ବିଜୟ କୁମାର ଗୋପ, ସରୋଜ ମହାନ୍ତ, ସୁଶାନ୍ତ କୁମାର ନାଏକ, ଲାଲୁ ଜି, ଚନ୍ଦନ ନାଏକ, ଜୁନେସ ହେମ୍ବ୍ରମ, ସୁଶାନ୍ତ ଦଳେଇ ପ୍ରମୁଖ ପ୍ରଶ୍ନ କରିଛନ୍ତି। ସେମାନଙ୍କୁ ପୁନଃ ନିଯୁକ୍ତି ଦାବିକରି ଖଣି ଉପନିର୍ଦ୍ଦେଶାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ।



ଛଟେଇ ହୋଇଥିବା ଶ୍ରମିକମାନେ।

ତେବେ ପ୍ରତିବାଦ ପରେ ତୁରନ୍ତ ଖଣି କମ୍ପାନୀ ଶ୍ରମିକଙ୍କୁ କାର୍ଯ୍ୟରୁ ନିବୃତ କରାଯାଇଥିଲା। ଏଥିସହ ଭୁବନେଶ୍ୱର ଖଣି ଉପନିର୍ଦ୍ଦେଶାଳୟରୁ ଗସ୍ତରେ ଆସିଥିବା ଯୁଗ୍ମ ନିର୍ଦ୍ଦେଶକ ସୁକାନ୍ତ ମିଶ୍ର ଏହାର ସଂଜ୍ଞାନ ନେବା ପରେ ତୁରନ୍ତ ଶ୍ରମିକମାନଙ୍କ ସ୍ଥାୟୀ ନିଯୁକ୍ତିକୁ ଅଗ୍ରାଧିକାର ଭିତ୍ତିରେ କରାଇବା ପାଇଁ ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ରସାୟନ ବିଭାଗର ଉପ ନିର୍ଦ୍ଦେଶକ ଦସମଥ ସୋରେନ କହିଛନ୍ତି, ୧୬ ସେପ୍ଟେମ୍ବର ୨୦୨୩ ରିଖରେ ଭୁବନେଶ୍ୱର ଖଣି ଉପନିର୍ଦ୍ଦେଶାଳୟରୁ ଚିଠି ମାଧ୍ୟମରେ ଶ୍ରମିକମାନଙ୍କୁ ଛଟେଇ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ତେବେ ୨୦୨୩ରୁ ଏଯାବତ ମାନବିକତା ଦୃଷ୍ଟିକୋଣରୁ ସେମାନଙ୍କୁ ଛଟେଇ କରାଯାଇ ନ ଥିଲା। ଏଣିକି ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ରସାୟନ କାର୍ଯ୍ୟ କରାଯିବ। ତେଣୁ ଶ୍ରମିକଙ୍କୁ ଛଟେଇ କରାଯାଇଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଖଣିଜର ମାନ ନିର୍ଦ୍ଧାରଣ ପାଇଁ ଖଣିରୁ ନିଆଯାଉଥିବା ନମୁନାକୁ ୨୦୦ ମେସ୍ (ପାଉଡର ପରି ଗୁଣ୍ଡ) ଓ ୭୫ ମାଇକ୍ରୋନ୍‌ରେ ରୂପାନ୍ତରିତ କରାଯାଇଥାଏ। ଏହା ଶ୍ରମିକମାନଙ୍କ ଦ୍ୱାରା ହୋଇଥାଏ। ମାନ ନିର୍ଦ୍ଧାରଣ ପାଇଁ ବିଦେଶରୁ ଆମଦାନୀ ହୋଇଥିବା ଯନ୍ତ୍ର ଲାଗିଲେ କାର୍ଯ୍ୟ ହରାଇବେ ବୋଲି ଶ୍ରମିକମାନେ କହିଛନ୍ତି।

# ଷ୍ଟ୍ରଙ୍ଗ୍‌ରୁମ ଜଗୁଛନ୍ତି ଭାଜପା କର୍ମୀ

**କେନ୍ଦୁଝର,୩୧।୫(ନରେଶ ଚନ୍ଦ୍ର ପଟ୍ଟନାୟକ)**

ଭୋଟଦାନ ସରିଛି। ଇଭିଏମ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଷ୍ଟ୍ରଙ୍ଗ୍ ରୁମ୍ ଆଗରେ ସୁରକ୍ଷାବଳ ପଇଁତରା ମାରୁଥିବା ବେଳେ ବିଭିନ୍ନ ଦଳ ପକ୍ଷରୁ ମଧ ନଜର ରଖାଯାଇଛି। କେତେକ ଦଳର କର୍ମୀ ଚବିଶ ଘଣ୍ଟା ଜଗିରହିଛନ୍ତି। କେନ୍ଦୁଝର ଜିଲା ମୁଖ୍ୟାଳୟରେ ସ୍ଥାନୀୟ ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟରେ କେନ୍ଦୁଝର ଓ ତେଲକୋଇ ନିର୍ବାଚନମଣ୍ଡଳୀର ଇଭିଏମ ରଖାଯାଇଛି। ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ଷ୍ଟ୍ରଙ୍ଗରୁମ ପରିସରରେ ଲଗାଯାଇଛି। ଏହାର ସିଧାସଳଖ ଚିତ୍ର ଦେଖିବା ପାଇଁ ବାହାରେ ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ ଦୁଇଟି ଟିଭି ଲଗାଯାଇଛି। ଏହା ବାହାରେ ଭାଜପା ଦଳ ପକ୍ଷରୁ ପାଳି କରି କର୍ମୀମାନେ ଯୋଗୁଛନ୍ତି ବୋଲି ଭାଜପାର ଅଫିସ ସେକ୍ରେଟେରି ପ୍ରକାଶ ସୂତ୍ରଧର କହିଛନ୍ତି। ସେହିପରି ଆନନ୍ଦପୁର ଓ ଚମ୍ପୁଆରେ ମଧ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗ୍‌ରୁମରେ ଇଭିଏମ ରଖାଯାଇଛି।

# ଆଞ୍ଚଳିକ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା



**ପାଟଣା,୩୧।୫(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଧାପକ ପୂର୍ଣ୍ଣଚନ୍ଦ୍ର ଦାଶ ଓ ବରିଷ୍ଠ ଅମଲା ସନ୍ତୋଷ ସାହୁ ଶୁକ୍ରବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଇଂଲିଶ ପ୍ରଧାପକ ଅଶିନୀ ସାହୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଯୁଧିଷ୍ଠିର ମହନ୍ତ, ସମ୍ମାନିତ ଅତିଥିଭାବେ ଯୋଗେଶ୍ୱର ପତି, ଜଗନ୍ନାଥ ମହାନ୍ତ, ହଳଧର ସାହୁ, ଧର୍ମେନ୍ଦ୍ର ସାହୁ, ସୁସ୍ମିତା ସୋଭାଲିନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉଭୟଙ୍କୁ ପୁଷ୍ପଗୁଛ ସହ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକର୍ମୀଙ୍କ ପରଲୋକ

ହାଟଡ଼ିହୀ,୩୧।୫(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଘଡେଇ(୩୪)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସୁଶାନ୍ତ ବ୍ଲକ୍ ଅଧୀନ କଳିଙ୍ଗା ପଞ୍ଚାୟତ କନକମ୍ପା ଗ୍ରାମରେ। ୮ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶର୍ଯ୍ୟାଶାୟୀ ଥିଲେ। ଦାୟିତ୍ୱ ସମ୍ପନ୍ନ ସ୍ୱାସ୍ଥ୍ୟକର୍ମୀଙ୍କ ସହ ମେଳାପୀ ଯୁବକ ଭାବେ ଜଣାଶୁଣା ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ପ୍ରଭାତ ଚନ୍ଦ୍ର ନାୟକ ଏବଂ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସାନ୍ତ୍ୱନା ଦେବା ସହ ଶୋକ ପ୍ରକାଶ କରିଥିଲେ। କଳିଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ଧଳ, ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ପ୍ରତାପ ରାଉତ, ଶଶିକାନ୍ତ ରାଉତ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଭାଇ ବସନ୍ତ ଘଡ଼େଇ, ନିତ୍ୟାନନ୍ଦ, ଗୋଲଖ, ଆତ୍ମୀୟସ୍ୱଜନ, ବନ୍ଧୁ, ପରିବାର ବର୍ଗ ଉପସ୍ଥିତ ଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଟଣା,୩୧।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଦେଉଳିଆ ପଶି ଅନୁଦାନପ୍ରାପ୍ତ ମଧ ମୁକ୍ତେଶର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତୁଳସୀ ରାମ ମହାନ୍ତ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଭୁବନେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଉଦୟପୁର କ୍ଲଷ୍ଟର ସିଆରସିସି ଜଗତଜୀବନ ସେନାପତି, ସମ୍ମାନିତ ଅତିଥିଭାବରେ ଶିକ୍ଷକ ଉପେନ୍ଦ୍ର ନଏକ, ଅନ୍ତର୍ଯ୍ୟାମୀ ମହାପାତ୍ର, ସଂଯୁକ୍ତା ପାତ୍ର ଯୋଗଦେଇ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ।

# ତମାଖୁର ଭୟାବହତା ବୁଝାଇଲେ ସମର ଶିକ୍ଷାର୍ଥୀ ବାହିନୀ




ସମର ଶିକ୍ଷାର୍ଥୀ ବାହିନୀ ସଚେତନ କରୁଛନ୍ତି।

**କେନ୍ଦୁଝର,୩୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଏନ୍‌ଏସ୍ ପୋଲିସ ହାଇସ୍କୁଲରେ ମେ ୩୧ ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ତମାଖୁ ମୁକ୍ତ ଭାରତ ଗଠନ ଦିଗରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସ୍ କେନ୍ଦୁଝରର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏମଚନ୍ଦ୍ର ଶେଖରଙ୍କ ମାର୍ଗଦର୍ଶନ ତଥା ଏନସିସି ଅଫିସର ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍ ପୋଲିସ ହାଇସ୍କୁଲର ସମର ଶିକ୍ଷାର୍ଥୀ ବାହିନୀ ତମାଖୁ ସେବନର ଭୟାବହତା ସମ୍ପର୍କରେ ବୁଝାଇଥିଲେ। ନିୟମିତ ତମାଖୁ ସେବନ ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗରେ କର୍କଟ ରୋଗ ସୃଷ୍ଟି କରିଥାଏ। ଏମିତିକି ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ମଧ ହୋଇଥାଏ। ତମାଖୁ ଖାଇଲେ ନିଦ୍ରା ନ ହେବା ସହ ମାନସିକ ଅବସାଦ ବଢ଼ିଥାଏ। ଏପରିକି ବିଶ୍ୱରେ ବର୍ଷକୁ ୮୦ ଲକ୍ଷ ଲୋକ ତମାଖୁ ଜନିତ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି ବୋଲି କହିବା ସହ ନିଶା ଉଜାଡ଼ିଛି କେତେ ସଂସାର, ନିଶାକୁ କର ଦୁରୁ ଜୁହାର ଆଦି ସ୍ଲୋଗାନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ।

# ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**କେନ୍ଦୁଝର,୩୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ସଂସ୍ଥା ଅଧିକାରୀ ନିରଞ୍ଜନ ପାଢ଼ୀଙ୍କୁ ଶୁକ୍ରବାର କଲେକ୍ଟରେଟ କଲଚୁରାଲ କ୍ଲବ୍‌ଠାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘର ଜିଲା ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ସଭାରେ ଉପସ୍ଥିତ କର୍ମଚାରୀମାନେ ନିଜ ନିଜର ବକ୍ତବ୍ୟରେ ସହଯୋଗୀ କର୍ମଚାରୀଭାବେ କରି ଆସିଥିବା ଅନୁଭୂତି ବର୍ଣ୍ଣନା କରିବା ସହ ଅବସର ପରେ ସୁଖ ଶାନ୍ତିରେ ରହିବା ନେଇ ମା' ତାରିଣୀଙ୍କୁ ପ୍ରାର୍ଥନା କରିଥିଲେ। ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ସେ ଜଣେ ଦକ୍ଷ କର୍ମଚାରୀ ଥିଲେ ଏବଂ ତାଙ୍କ କାର୍ଯ୍ୟଦକ୍ଷତା ଆମ୍ଭମାନଙ୍କୁ ପ୍ରେରଣା ଦାୟକ ବୋଲି ଅମଲା ସଂଘର ଜିଲା ସମ୍ପାଦକ ପ୍ରଭାତେନ୍ଦୁ ନାଏକ କହିଥିଲେ। ୧୭ ଅକ୍ଟୋବର ୧୯୮୪ ମସିହାରେ କନିଷ୍ଠ କିରାଣୀ ଭାବରେ ଯୋଗ ଦେଇ ବିଭିନ୍ନ ବିଭାଗରେ ଦକ୍ଷତାର ସହ କାମ କରି ଶୁକ୍ରବାର ଜୁଡ଼ିସିଆଲ ବିଭାଗରୁ ବରିଷ୍ଠ ସଂସ୍ଥା ଅଧିକାରୀ ଭାବେ ନିରଞ୍ଜନ ଅବସର ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥା ଅଧିକାରୀ କାମିନୀକାନ୍ତ ମହାନ୍ତ, ସରୋଜ ସାହୁ, ବିଶ୍ୱନାଥ ବାରିକ, ସେକ୍ସନ ଅଧିକାରୀ ମହେଶ୍ୱର ଦାଶ, ପୀତବାସ ମହାନ୍ତ, ଡମ୍ବରୁଧର ମହାନ୍ତ, ମୁକ୍ତିକାନ୍ତ ପାତ୍ର, ବବିତା ସାହୁ, ପ୍ରିୟଙ୍କା ସେଠୀ, ପାର୍ଥ ସାରଥି ନାୟକ, ମନୋରଞ୍ଜନ ସାହୁ, ମନୋଜ ଓଝା, ସୁଦର୍ଶନ ନନ୍ଦୀ ଯୋଗ ଦେଇଥିଲେ। ଶେଷରେ ପୀତବାସ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚମ୍ପୁଆ ତହସିଲର ସେକ୍ସନ ଅଫିସର ହେମନ୍ତ କୁମାର ସାହୁ, ଆନନ୍ଦପୁର ଉପ ଜିଲାପାଳ କାର୍ଯ୍ୟାଳୟର ପ୍ରଦୀପ କୁମାର ଦାସଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି।

# ଖେଳ ଶିକ୍ଷକ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ହାଟଡ଼ିହୀ,୩୧।୫(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଓଷ୍ଟା ସଂଘ ତରଫରୁ ଖେଳ ଶିକ୍ଷକ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ରାହ୍ମଣୀକଳା ତାରିଣୀ ଠାକୁରାଣୀ ବିଦ୍ୟାଳୟର ଖେଳ ଶିକ୍ଷକ କମଳାକାନ୍ତ ନାୟକ ଏବଂ ସରାମ ବିକ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ଓଷ୍ଟା ସହ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ହାଟଡ଼ିହୀ ବ୍ଲକ୍ ଓଷ୍ଟା ସଭାପତି ନବଘନ ନାୟକ ଏବଂ ସମ୍ପାଦକ ଶିଶିର ବିଶ୍ୱାଳ, ଜିଲା ଅମଲା ସଂଘ ସମ୍ପାଦକ ପ୍ରସନ୍ନ ବେହେରା, ହାଟଡ଼ିହୀ ବ୍ଲକ୍ ନୂତନ ପେନ୍‌ସନ୍ ଯୋଜନା ଭୁକ୍ତ ଶିକ୍ଷକ ସଂଘ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ ଏବଂ ଉପ ସଭାପତି ବାଦଲ ଜେନା, କ୍ଷୀରୋଦ ସେଠୀ ପ୍ରମୁଖ ସଂଘ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଶିକ୍ଷକ ରତ୍ନାକର ପଣ୍ଡା ବୃନ୍ଦାବନ ମଲ୍ଲିକ, ରବୀନ୍ଦ୍ର ନାଥ, ଲୋକନାଥ ଦାସ, ଆଲୋକ ଦାସ, ଜଗବନ୍ଧୁ ପଢ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଦାୟ ଶିକ୍ଷକ ଓ ଓଷ୍ଟା କର୍ମକର୍ତ୍ତାମାନେ ।

# ପ୍ରଧାନ ଶିକ୍ଷକଙ୍କୁ ଶୋଭାଯାତ୍ରାରେ ବୁଲାଇଲେ ଗ୍ରାମବାସୀ

**ଆନନ୍ଦପୁର,୩୧।୫(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଡ଼ବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ସାହୁଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ମଞ୍ଜୁଲତା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀ ଅଜିତ୍ ବାରିକ, ମୁଖ୍ୟ ବକ୍ତାଭାବେ ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାର ଅତୁଲ ବଳ, ସମ୍ମାନିତ ଅତିଥି ହେମେନ୍ଦ୍ର ନାଥ ମହାନ୍ତି, ଅହଲ୍ୟା ଜେନା, ରବିନାରାୟଣ ମିଶ୍ର, କର୍ଣ୍ଣିପାଳ ସରପଞ୍ଚ ପଦ୍ମିନୀ ନାଏକ, ମଦନ ମୋହନ ମୁଦୁଲି, ସନ୍ତୋଷ ଜେନା, ବୃନ୍ଦାବନ ବାରିକ, ମଳୟ ନାଏକ, ସୁରେଶ ଖଣ୍ଡା, ନରେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟଧାରା, କର୍ତ୍ତବ୍ୟନିଷ୍ଠ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବଡ଼ବେଡା ଗାଁ ମୁଣ୍ଡରୁ ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ଶିକ୍ଷକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରି ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ଶେଷରେ ସ୍କୁଲ ପରିସରରେ ଶିକ୍ଷକଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

# ଟ୍ରକ୍‌ରୁ ଡ୍ରାଇଭରଙ୍କ ମୃତଦେହ ଜବତ

**ବଡ଼ବିଲ,୩୧।୫(ଦେବପ୍ରିୟ ରଣା)**

## ଗରମ, ଗୁଳୁଗୁଳି ଯୋଗୁ ହୃଦ୍‌ଘାତ ସନ୍ଦେହ

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ବାରବାଙ୍କସ୍ଥିତ ୫୨୦ ନମ୍ବର ଜାତୀୟ ରାଜପଥରେ ଛିଡ଼ା ହୋଇଥିବା ଏକ ଟ୍ରକରୁ ଶୁକ୍ରବାର ଚାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଛାତ୍ରା ଜିଲା ଚରକାକଳା ଅଞ୍ଚଳର ସୁରେନ୍ଦ୍ର ଚୌଧୁରୀ(୩୨)। ସେ ଗୁରୁବାର ରାତିରେ ଟ୍ରକ୍ (ଓଡି ୦୯ ଭି ୪୪୮୯) ଯୋଗେ ଜିଲିଂ ଖଣିରୁ ଲୁହାପଥର ନେଇ ରାଉରକେଲା ଅଭିମୁଖେ ବାହାରିଥିଲେ। ୫୨୦ ନମ୍ବର ଜାତୀୟ ରାଜପଥ ବାରବାଙ୍କ ନିକଟରେ ଟ୍ରକ୍‌ଟି ଅଟକିଥିଲା। ଶୁକ୍ରବାର ଛିଡାହୋଇଥିବା ଟ୍ରକରୁ ଚାଳକଙ୍କ ମୃତଦେହ ରୁଗୁଡି ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ହେଁ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ହୃଦ୍‌ଘାତରେ ଘଟିଥିବା ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୦୨୪)ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ମହୁଲ ଫୁଲ ପରେ ଜୀବିକା ଦେଉଛି ଫଳ

## ଶରୀର ପାଇଁ ଉପାଦେୟ ଟୁଳ ତେଲ

**କେନ୍ଦୁଝର,୩୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ):**

କେନ୍ଦୁଝର ବଣଜଙ୍ଗଲରେ ଥିବା ଗଛ ଲୋକଙ୍କ ଜୀବନଜୀବିକା ସହ ଜଡ଼ିତ ହୋଇ ରହିଛି। ସେ ମଧ୍ୟରୁ ଅନ୍ୟତମ ଉପାଦେୟ ବୃକ୍ଷ ହେଉଛି ମହୁଲ। ମହୁଲ ଗଛ ଗରୀବ ଲୋକଙ୍କ ପାଇଁ ଜୀବନଜୀବିକାର ସାଧନ ହୋଇଥିବା ବେଳେ ମହୁଲ ଫୁଲକୁ ଗରୀବ ଶ୍ରେଣୀର ଲୋକ କଞ୍ଚା, ଭାଜି, ପିଠା କରି ଖାଇଥାନ୍ତି। ଫୁଲରୁ ମଦ ମଧ ପ୍ରସ୍ତୁତ ହୋଇଥାଏ। ତେଣୁ ଏହାର ଚାହିଦା ରହିଥିବାରୁ ବ୍ୟବସାୟୀମାନେ କିଣି ନେଇଥାନ୍ତି। ମହୁଲ ଫୁଲ ପରେ ଏହାର ଫଳ (ଟୁଳ) ଗରୀବ ଲୋକଙ୍କ ଜୀବିକାର ଅନ୍ୟ ଏକ ମାଧ୍ୟମ ପାଲଟିଛି। ଏଥିରୁ ବାହାରୁଥିବା ତେଲ ବ୍ୟବହାର କରିବା ସହ ବିକ୍ରି କରି ଅର୍ଥ ଉପାର୍ଜନ କରିଥାଆନ୍ତି।

ବିଶେଷ କରି ଖରା ଦିନରେ ଗାଁଗଣ୍ଡାରେ ଲୋକେ ଟୁଳ ସଂଗ୍ରହ କରିଥାଆନ୍ତି। ଟୁଳ ମଞ୍ଜିକୁ ପିଚୁ ବା କଂକ୍ରିଟ ରାସ୍ତାରେ ଢାଳି ସେଥିରୁ ମଞ୍ଜି ଅଲଗା କରିଥାଆନ୍ତି। ଟୁଳକୁ ଛେଚି ସେଥିରୁ ତେଲ ବାହାର କରନ୍ତି। ତେଲ ବାହାରିବା ପରେ ଏହାର ଖଦଡା ଗୋ ଖାଦ୍ୟ, କୁକୁଡା ଖାଦ୍ୟ ଭାବରେ ବ୍ୟବହାର ହୋଇଥାଏ। ତେଲକୁ ଦେହରେ ଲାଗାଇବା ସହ ରୋଷେଇ ପାଇଁ ବ୍ୟବହାର କରିଥାନ୍ତି। ତେଲରେ ଔଷଧୀୟ ଗୁଣ ରହିଥିବାରୁ ଚର୍ମ ରୋଗ ଭଲ ହୋଇଯାଇ ଏବଂ ତ୍ୱଚା ଚିକ୍କଣ ଓ ନରମ ରହିଥାଏ ବୋଲି ମହିଳାମାନେ କୁହନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧା, ବୃଦ୍ଧ ସମସ୍ତେ ଏହାକୁ ବ୍ୟବହାର କରିଥାନ୍ତି। ଆଜିକାଲିର ସୁଗନ୍ଧ ଯୁକ୍ତ ବିଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟକାରୀ ତେଲ ବ୍ୟବହାରର ଚାହିଦା ଅଧିକ ଥିଲେ ହେଁ ଟୁଳ ତେଲର ବ୍ୟବହାର ଏବେ ମଧ ଜିଲାର ଅନେକ ଅଞ୍ଚଳରେ ରହିଛି। ତେଲ ଲିଟର ୨ ଶହ ଟଙ୍କାରେ ବିକ୍ରି ହୋଇଥାଏ। ଗରିବ ଲୋକ ଏହାକୁ ବିକ୍ରି କରି ପରିବାର ପ୍ରତିପୋଷଣ ମଧ କରିଥାଆନ୍ତି। କେନ୍ଦୁଝର ସଦର ବ୍ଲକ୍ ଅଧୀନ ଗୁହାଳଚଟୁଆ ଗ୍ରାମର ଡାଳିମ୍ବ ମହାନ୍ତ କହିଛନ୍ତି, ଏହି ତେଲ ମାଖିଲେ ଦେହ ସୁସ୍ଥ ରୁହେ, ହାତ ନରମ ରହେ ଏବଂ ଚୁଟି ଝଡ଼େ ନାହିଁ କି ପାଚେ ନାହିଁ। ଏଥିରେ ପିଠା ଛାଣି ଖାଉ। ତେଲ ଟିକେ ପିତା ଲାଗେ ବୋଲି କହିଥିଲେ।

# ଜଳକଷ୍ଟ ଭୋଗୁଛନ୍ତି ହୁଡ଼ିସାହି ବାସିନ୍ଦା

**ଚମ୍ପୁଆ,୩୧।୫(ମହେଶ୍ୱର ଦାସ)**

- ୩୦୦ ଲୋକଙ୍କୁ ଗୋଟିଏ ନଳକୂପ
- ଗ୍ରୀଷ୍ମଋତୁରେ ପାଣି ବାହାରୁନି

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ରଜିଆ ପଞ୍ଚାୟତର ହୁଡ଼ିସାହି ବାସିନ୍ଦା ଜଳକଷ୍ଟ ଭୋଗୁଛନ୍ତି। ଆଦିବାସୀ ସାହିରେ ଗୋଟିଏ ନଳକୂପ ଥିବା ବେଳେ ସେଥିରୁ ଖରାଦିନରେ ପାଣି ବାହାରୁ ନ ଥିବାରୁ ଲୋକେ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି। ଦୀର୍ଘ ୨ କି.ମି. ବାଟ ଅତିକ୍ରମକରି ପାଣି ସଂଗ୍ରହ କରିବାକୁ ପଡୁଥିବା ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ସାହିରେ ୫୦ରୁ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ୩୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ସମସ୍ତେ ଆଦିବାସୀ ଶ୍ରେଣୀର ହୋଇଥିବା ବେଳେ ଦିନମଜୁରିଆ ଭାବେ ଜୀବନ ଅତିବାହିତ କରୁଛନ୍ତି। ପ୍ରଚଣ୍ଡ ରୌଦ୍ରତାପ ଦ୍ୱାରା ବଢୁଥିବା ଜଳକଷ୍ଟ ଏମାନଙ୍କ ଜୀବନଶୈଳୀରେ ପ୍ରଭାବ ପକାଇଛି। ପ୍ରାୟ ୧୦ବର୍ଷ ପୂର୍ବେ ହୁଡ଼ିସାହିର ପାନୀୟ ଜଳ ଲାଘବ ପାଇଁ ଗାଁ ମୁଣ୍ଡରେ ଏକ ନଳକୂପ ଖୋଳାଯାଇଥିଲା। ନଳକୂପ ବର୍ଷକ ୪ ମାସ ପାନୀୟଜଳ ଯୋଗାଇବାରେ ବିଫଳ ହେଉଛି। ବିଶେଷକରି ଗ୍ରୀଷ୍ମଦିନରେ ଜଳସ୍ତର ହ୍ରାସ ଯୋଗୁ ପାଣି ବାହାରୁ ନ ଥିବାରୁ ଆଦିବାସୀଙ୍କ ଜଳକଷ୍ଟକୁ ଦ୍ୱିଗୁଣ କରିଦେଇଛି। କେତେକ ପରିବାରକୁ ପାନୀୟଜଳ ସଂଗ୍ରହ ପାଇଁ ଅଧ କି.ମି. ଯିବାକୁ ପଡୁଥିବା ବେଳେ ଗରାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଅନ୍ୟପକ୍ଷରେ ସ୍ନାନାଦି କାର୍ଯ୍ୟପାଇଁ ଏହି ସାହି ବାସିନ୍ଦାଙ୍କୁ ୧ କି.ମି.ରୁ ୨ କି.ମି. ଦୂରରେ ଥିବା ବନ୍ଧ ଉପରେ ନିର୍ଭର କରିବାକୁ ପଡୁଛି। ଏ ନେଇ ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ନାଏକ କହିଛନ୍ତି, ବିଭାଗ ସହ ଯୋଗାଯୋଗ କରାଯାଇଛି। ନିର୍ବାଚନ ଆଚରଣ ବିଧି ଉଠିଲା ପରେ ପଞ୍ଚାୟତକୁ ମିଳିବାକୁ ଥିବା ନଳକୂପଟି ହୁଡ଼ିସାହିରେ ଖୋଳାଯାଇ ପାନୀୟ ଜଳ ଯୋଗାଣରେ ସୁବ୍ୟବସ୍ଥା କରାଯିବ।






# ମୟୂରଭଞ୍ଜରେ ୧୫୧ ଅତି ସମ୍ବେଦନଶୀଳ ବୁଥ୍

ବାରିପଦା,୩୧।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ଆଜି ୧୩ ଲୋକସଭା ଓ ୯୯ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

■୧୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ

ମୟୂରଭଞ୍ଜ ଜିଲାରେ ଶନିବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ସକାଶେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନେ ନିଜ ନିଜ ବୁଥ୍‌ରେ ପହଞ୍ଚି ମତଦାନ ପାଇଁ ପ୍ରସ୍ତୁତି ଶେଷ କରିଛନ୍ତି ।

ଜିଲାର ୮ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨୧୨୭ଟି ବୁଥ ଓ ଗୋଟିଏ ସହାୟକକାରୀ ବୁଥରେ ମତଦାନ ହେବ। ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୯୯ଜଣ ବିଧାୟକ ପ୍ରାର୍ଥୀ ଓ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ୧୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜିଲାରେ ମୋଟ ୧୭ଲକ୍ଷ ୪୨ହଜାର ୬୭୪ଜଣ ଭୋଟର ରହିଥିବା ବେଳେ ସେଥିମଧ୍ୟରୁ ୮ଲକ୍ଷ ୬୩ହଜାର ୪୧୯ ପୁରୁଷ, ୮ ଲକ୍ଷ ୭୯ହଜାର ୧୭୫ମହିଳା ଓ ୮୦ଜଣ ତୃତୀୟଲିଙ୍ଗୀ ଭୋଟର ରହିଛନ୍ତି। ୧୮ରୁ୧୯ବର୍ଷ ମଧ୍ୟରେ ୩୮ହଜାର ୬୬୦ ନୂତନ ଭୋଟର ଓ ୮୫ବର୍ଷରୁ ଊର୍ଦ୍ଧ୍ୱ ୧୪ହଜାର ୨୪୩ ଭୋଟର ମତଦାନ କରିବେ। ଜିଲାରେ ସମୁଦାୟ ୧୨୧ଟି ସମ୍ବେଦନଶୀଳ ବୁଥ୍ ଥିବାବେଳେ ସେଥି ମଧ୍ୟରୁ ୧୪୩ଟି ପୋଲିଂ ଷ୍ଟେଶନରେ ସିଧାସଳଖ ୱେବକାଷ୍ଟିଙ୍ଗ ହେବାର ବ୍ୟବସ୍ଥା କରାଯାଇଛି । ସମସ୍ତ ବୁଥରେ ଆଇନ ଶୃଙ୍ଖଳା ଏବଂ ଉତ୍ତମ ବନ୍ଦୋବସ୍ତ ପାଇଁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

ପ୍ରକାଶ ଥାଉକି, ମତଦାନ କେନ୍ଦ୍ରଗୁଡ଼ିକ ମଧ୍ୟରୁ ୪୨୬ଟି ସଖି ବୁଥ, ୬୧୪ଟି ମିଳିତ ବୁଥ, ୯ଟି ଦିବ୍ୟାଙ୍ଗ ମାନଙ୍କ ପାଇଁ ଉଦ୍ଦିଷ୍ଟ ବୁଥ ଏବଂ ୮୦ଟି ଯୁବ ବୁଥ ପ୍ରସ୍ତୁତ କରାଯାଇଛି । ସମଗ୍ର ଜିଲାରେ ନିର୍ବାଚନ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ଚାଲିଥିବା ଥିବା ବେଳେ ୫୪ ଫ୍ଲାଇଂ ସ୍କ୍ୱାଡ୍, ୫୪ ଷ୍ଟାଟିକ୍ ସର୍ଭିଲେନ୍ସ ଟିମ ଏବଂ ୧୮ଟି ଭିଡିଓ ସର୍ଭିଲେନ୍ସ ଟିମ ଜିଲା ପ୍ରଶାସନ ତରଫରୁ କାର୍ଯ୍ୟରତ ଅଛନ୍ତି। ସେହିପରି ପ୍ରିଜାଇଡିଂ, ପୋଲିଂ ଓ ପୋଲିସକୁ ମିଶାଇ ମୋଟ ୧୫ହଜାର ୬୨୨ଜଣ କର୍ମଚାରୀଙ୍କୁ ମତଦାନ କେନ୍ଦ୍ରରେ ନିୟୋଜିତ କରାଯାଇଛି । ସମସ୍ତ ମତଦାନ କେନ୍ଦ୍ରରେ ଭୋଟର ଓ ସମସ୍ତ ପୋଲିଂ ଅଧିକାରୀମାନଙ୍କ ରହିବା, ପାନୀୟଜଳ ଏବଂ ଖରାରୁ ରକ୍ଷା ପାଇବା ପାଇଁ ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଛି। ସେହିପରି ଆଇନ ଶୃଙ୍ଖଳାକୁ ନେଇ ସମସ୍ତ ନିର୍ବାଚନ ମଣ୍ଡଳୀ ପାଇଁ ୧୬୯ଟି ମୋବାଇଲ ପାର୍ଟି, ୫ଟି ଇଭିଏମ୍ ଷ୍ଟ୍ରଙ୍ଗ ରୁମ ପୋଲିସ ପକ୍ଷରୁ କରାଯାଇଥିବା ବେଳେ ୧୦ଟି ଆନ୍ତଃରାଜ୍ୟ ଚେକ ପୋଷ୍ଟ, ୭ଟି ଆନ୍ତଃଜିଲା ଚେକ ପୋଷ୍ଟ, ୮ଟି ମୋବାଇଲ ଚେକ ପୋଷ୍ଟ ଏବଂ ୯ଟି ଷ୍ଟାଟିକ ଚେକ ପୋଷ୍ଟ ବ୍ୟବସ୍ଥିତ ଭାବେ କାର୍ଯ୍ୟ କରୁଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସକାଳ ୬ଟାରୁ ମତଦାନ ଆରମ୍ଭ ହେବାକୁ ଥିବା ବେଳେ ସମସ୍ତ ବୁଥର ୨୦୦ ମିଟର ଅଞ୍ଚଳରେ ୧୪୪ଧାରା ଜାରି କରାଯାଇଛି। ପୋଲିଂ ଶେଷ ହେବା ପର୍ଯ୍ୟନ୍ତ ଏହି ନିୟମ ଜାରି ରଖିବା ସହ ନିୟମକୁ ଅବମାନନା କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ କରାଯାଇଛି।


ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା ପୂର୍ବରୁ ମହିଳା ପୋଲିଂ ଅଧିକାରୀମାନେ ଆବଶ୍ୟକୀୟ ସରଞ୍ଜାମ ଯାଞ୍ଚ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଆଶିଷ


@ଶିରିଷ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ୭ ପ୍ଲାଟୁନ ଫୋର୍ସ ମୁତୟନ

ବୈଶିଙ୍ଗା,୩୧।୫(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୨୧ଟି ପଞ୍ଚାୟତ ଅଧୀନରେ ପ୍ରାୟ ୧ ଲକ୍ଷ ଭୋଟର ରାତି ପାହିଲେ ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ମତାଧିକାର ସାବ୍ୟସ୍ତ କରିବେ। ଅନ୍ୟପକ୍ଷରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ମୋଟ ୧ ଲକ୍ଷ ୯୭ ହଜାର ୫୨୯ ଜଣ ଭୋଟରଙ୍କ ମତ ୧ ତାରିଖ ଇଭିଏମରେ ସିଲ ହେବ। ଏହି ଥାନା ଅଧୀନରେ ଥିବା ୨୧ଟି ପଞ୍ଚାୟତ ମଧ୍ୟରୁ ୧୮ ପଞ୍ଚାୟତ ବେତନଟୀ ବ୍ଲକର ଓ ୩ଟି ପଞ୍ଚାୟତ ବଡ଼ସାହି ବ୍ଲକ ଅନ୍ତର୍ଗତ। ମୋଟ ୧୧୩ଟି ବୁଥ୍ ମତଦାନ ନିମନ୍ତେ ପ୍ରସ୍ତୁତ ହୋଇଥିବା ବେଳେ ସେଥିମଧ୍ୟରୁ ୧୭ଟି ବୁଥ୍ ଉତ୍ତେଜନା ପ୍ରବଣ ଚିହ୍ନଟ କରାଯାଇଛି। ତେବେ ଶାନ୍ତି ଶୃଙ୍ଖଳାରେ ଚଳିତ ୨୦୨୪ ସାଧାରଣ ନିର୍ବାଚନକୁ ପରିସମାପ୍ତି କରିବା ଲକ୍ଷ୍ୟରେ ୭ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଛି। ବୈଶିଙ୍ଗା ବଜାର ଉପକଣ୍ଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ପୋଲିଂ ବୁଥକୁ ଆଦର୍ଶ ବୁଥରେ ପରିଣତ କରାଯାଇଛି।

ଏହି ଥାନା ଅଞ୍ଚଳରେ ଥିବା ୪ଟି ଲାଇସେନ୍ସ ପ୍ରାପ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ଜିଲା ପ୍ରଶାସନ ପକ୍ଷରୁ ୪୮ ଘଣ୍ଟା ଧରି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଲାଇନ ହୋଟେଲ ମାନଙ୍କରେ ବ୍ୟାପକ ମାତ୍ରାରେ ନିଶାଦ୍ରବ୍ୟ କାରବାର ଚାଲିଥିବା ଅଭିଯୋଗ ହେଉଛି।

# ୮ ନିର୍ବାଚନମଣ୍ଡଳୀରେ ୧୪୪

ବାରିପଦା,୩୧।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ସକାଶେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଜିଲାର ୮ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୪୪ ଧାରା ଜାରି କରିଛନ୍ତି। ବାରିପଦା, ବଡ଼ସାହି, ବାଙ୍ଗିରିପୋଷି, ମୋରଡ଼ା, ଉଦଳା, ରାଇରଙ୍ଗପୁର, ସାରସକଣା, ଯଶୀପୁର ବିଧାନସଭା ଆସନ ତଥା ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ୩୦ ତାରିଖଠାରୁ ୧୪୪ ଧାରା ଜାରି କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ନିର୍ଦ୍ଦେଶ ଅନୁଯାୟୀ, ଶନିବାର ଉପରୋକ୍ତ ୮ଟି ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ମତଦାନ ପାଇଁ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ମତଦାନ କେନ୍ଦ୍ରରେ ୧୪୪ ଧାରା ବଳବତ୍ତର ରହିବ। ପ୍ରିଜାଇଡିଂ ଅଫିସରଙ୍କ ବ୍ୟତୀତ ମତଦାନ କେନ୍ଦ୍ର ଭିତରେ କୌଣସି ବ୍ୟକ୍ତି ମୋବାଇଲ ଫୋନ ବ୍ୟବହାର କରିବେ ନାହିଁ। କୌଣସି ବ୍ୟକ୍ତି ମତଦାନ କେନ୍ଦ୍ରର ୨୦୦ ମିଟର ବ୍ୟାସାର୍ଦ୍ଧରେ ରାଜନୈତିକ କାର୍ଯ୍ୟକଳାପ କରିବେ ନାହିଁ। କୌଣସି ବ୍ୟକ୍ତି ନିର୍ବାଚନ ସମ୍ପର୍କିତ ସାଧାରଣ ସଭା କିମ୍ବା ଶୋଭାଯାତ୍ରା କରି ପାରିବେ ନାହିଁ। ସିନେମାଟୋଗ୍ରାଫ, ଟେଲିଭିଜନ କିମ୍ବା ଅନ୍ୟାନ୍ୟ ସମାନ ଉପକରଣ ମାଧ୍ୟମରେ କୌଣସି ବ୍ୟକ୍ତି ନିର୍ବାଚନ ବିଷୟ ଜନସାଧାରଣଙ୍କୁ ପ୍ରଦର୍ଶନ କରିବେ ନାହିଁ। ମତଦାନ ଶେଷ ହେବା ପାଇଁ ସ୍ଥିର ହୋଇଥିବା ସମୟ ସହିତ ୪୮ ଘଣ୍ଟା ମଧ୍ୟରେ ଉପରୋକ୍ତ ନିର୍ବାଚନ ମଣ୍ଡଳୀରେ କୌଣସି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା,୩୧।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପରୀକ୍ଷାରେ ସଫଳତା ହାସଲ କରିଥିବା ୪ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ଅଧକ୍ଷ ଉପେନ୍ଦ୍ର କୁମାର ମାଝୀ ଓ ପ୍ରାଧ୍ୟାପକ ସୁଦର୍ଶନ ସିଂହଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ, କଳା ଓ ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖି ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ବାଣିଜ୍ୟରେ ମୋଟ ୯୧.୧୬ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ତଥା ଜିଲାରେ ୧ମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଅନ୍ୱେଷା କର୍ମକାର, ବିଜ୍ଞାନରେ ମୋଟ ୮୮.୫ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ୧ମ ସ୍ଥାନ ଅଧିକାର କରିଥିବା ଛାତ୍ର ଗୌରବ ସଦୁଆଳ ଓ କଳାରେ ୮୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସଞ୍ଚିତା ନାୟକ ଓ ଲିମା କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ।

# ୯୯ ବୁଥ୍‌ରେ ପହଞ୍ଚିଲେ ପୋଲିଂ ଅଧିକାରୀ

ମୋରଡ଼ା,୩୧।୫(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନ ମଣ୍ଡଳୀ ଅଧୀନ ମୋରଡା ବ୍ଲକର ୯୯ ବୁଥରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପହଞ୍ଚିଛନ୍ତି ୯୯ ପୋଲିଂ ପାର୍ଟି। ଏହି ବ୍ଲକର ୯୯ଟି ବୁଥରେ ଶନିବାର ସକାଳ ୭ଟାଠାରୁ ମତଦାନ ଆରମ୍ଭ ହେବ। ୮୨୪୬୭ ଭୋଟର ମତଦାନ କରିବେ। ସେଥି ମଧ୍ୟରେ ୪୧୦୩୩ ପୁରୁଷ ଭୋଟର ରହିଥିବା ବେଳେ ୪୧୪୨୯ ମହିଳା ଭୋଟର ଏବଂ ୫ ଜଣ ତୃତୀୟଲିଙ୍ଗୀ ଭୋଟର ରହିଥିବା ଜଣାପଡିଛି। ଏହି ବ୍ଲକରେ ୧୨ଟି ପିଙ୍କ ବୁଥ୍ ହୋଇଥିବା ବେଳେ ୨୫ଟି ମଡେଲ ବୁଥ କରାଯାଇଛି। ୪ ଟି ଉତ୍ତେଜନା ପ୍ରବଣ ବୁଥ ଏବଂ ଗୋଟିଏ ଅତି ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ ହୋଇଛି। ୯୯ଟି ବୁଥକୁ ନେଇ ୯ଟି ସେକ୍ଟର ହୋଇଥିବା ବେଳେ ୯ ଜଣ ସେକ୍ଟର ଅଫିସର ବୁଥ ଗୁଡିକ ଦାୟିତ୍ୱରେ ରହି ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଛନ୍ତି। ସମସ୍ତ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ଉତ୍ତେଜନା ପ୍ରବଣ ଓ ଅତି ଉତ୍ତେଜନା ପ୍ରବଣ ବୁଥ ପ୍ରତି ପୋଲିସ ସ୍ୱତନ୍ତ୍ର ନଜର ରଖିଛି। ସମସ୍ତ ମତଦାନ କେନ୍ଦ୍ରରେ ଭୋଟର ଓ ସମସ୍ତ ପୋଲିଂ ଅଧିକାରୀମାନଙ୍କ ରହିବା, ପାନୀୟଜଳ ଏବଂ ଖରାରୁ ରକ୍ଷା ପାଇବା ପାଇଁ ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଛି।

# ବିପୁଳ ନିଶାଦ୍ରବ୍ୟ ଜବତ

ବାରିପଦା,୩୧।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଧାରଣ ନିର୍ବାଚନ ପୂର୍ବରୁ ମୟୂରଭଞ୍ଜ ଜିଲା ପୋଲିସ ବିପୁଳ ପରିମାଣର ମଦ ଏବଂ ନାର୍କୋଟିକ ଡ୍ରଗ୍ସ ଜବତ କରିଛି। ଏ ନେଇ ଜିଲା ଏସ୍‌ପି ଏସ୍.ସୁଶ୍ରୀ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗତ ଜାନୁଆରୀ ୧ ତାରିଖଠାରୁ ମେ ୩୧ତାରିଖ ମଧ୍ୟରେ ପୋଲିସ ଚଢ଼ାଉ କରି ଏହି ନିଶାଦ୍ରବ୍ୟ ଜବତ କରିଛି। ଏନେଇ ବିଭିନ୍ନ ଥାନାରେ ମୋଟ ୧୦୫୯ଟି ମାମଲା ରୁଜୁ ହୋଇଥିବା ବେଳେ ୨୫୬୧ ଲିଟର ବିଦେଶୀ ମଦ, ୯୫୭୬ ଲିଟର ଦେଶୀ ମଦ, ୨୦ କୁଇଣ୍ଟାଲ ୨୦୦ କେଜି ମହୁଲ ପୋଚ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୫୫ ଲକ୍ଷ ୧୮ ହଜାର ୧୫୦ଟଙ୍କା ହେବ।

ସେହିପରି ନାର୍କୋଟିକ ଡ୍ରଗ୍ସ ଏବଂ ସାଇକୋଟ୍ରୋପିକ ପଦାର୍ଥ ଜବତକୁ ନେଇ ୧୭ଟି ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ୧୮ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ୫୯୬ କେଜି ୯୭୮ ଗ୍ରାମ ଗଞ୍ଜେଇ, ୧୨ଗ୍ରାମ ୪୦ ମି.ଗ୍ରା ବ୍ରାଉନ ସୁଗାର, ୪୧୯ଟି କଫ୍ ସିରପ ଓ ୬ ଲକ୍ଷ ୯୫ହଜାର୯୮୦ଟି ଅଫିମ ଗଛକୁ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୫କୋଟି ୪୩ ଲକ୍ଷ ୪୯ହଜାର ୫୬୦ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ୪୯ଟି ମାମଲା ରୁଜୁ ହୋଇଥିବା ବେଳେ ଜଣଙ୍କୁ ଗିରଫ କରାଯାଇଛି । ୭୭ଟି ବନ୍ଧୁକକୁ ଜବତ କରାଯାଇଛି। ଭାରତୀୟ କାର୍ଯ୍ୟବିଧି ଆଇନ ଧାରା ୧୦୭ଅନୁଯାୟୀ ୧୧୨୩ଗୋଟି ମାମଲା ମଧ୍ୟରୁ ୫୧୮୭ଜଣ କୋର୍ଟରେ ଉପସ୍ଥିତ ହୋଇ ୩୭୯୬ଟି ବଣ୍ଡରେ ବ୍ୟକ୍ତିଗତ ମୁଚାଲିକାରେ ଦସ୍ତଖତ କରିଛନ୍ତି। ସେହିପରି ଧାରା ୧୧୦ଅନୁଯାୟୀ ୧୯୫ଜଣଙ୍କ ବିରୋଧରେ ୧୯୫ଟି ମାମଲା ରୁଜୁ ହୋଇଥିବା ବେଳେ ୧୮୭ ଜଣ ବଣ୍ଡରେ ଲିଖିତ ଭାବେ କୋର୍ଟକୁ ଜଣାଇଛନ୍ତି।



## ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ

# ମତ ସାବ୍ୟସ୍ତ କରିବେ ୨,୪୭,୧୯୬ ଭୋଟର

**ଧାମନଗର,୩୧।୫ (ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ୨ ଲକ୍ଷ ୪୭ ହଜାର ୧୯୬ ଜଣ ଭୋଟର ଶନିବାର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୨୭ ହଜାର ୨୫୩ ଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୯ ହଜାର ୯୧୪। ୨୯ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ମୋଟ ୨୫୭ଟି ବୁଥ୍ କରାଯାଇଛି। ସେଥିମଧ୍ୟରୁ ଧାମନଗର ବ୍ଲକରେ ୧୬୯, ଏନ୍ଏସିରେ ୧୭ ଓ ତିହିଡ଼ି ବ୍ଲକରେ ୭୧ଟି ବୁଥ୍ ରହିଛି। ଆଦର୍ଶ, ସଖୀ ଓ ପିଙ୍କ୍ ବୁଥ୍‌କୁ ମିଶାଇ ବ୍ଲକରେ ୨୬ଟି ଓ ତିହିଡ଼ି ବ୍ଲକରେ ୧୪ଟି ବୁଥ୍ କରାଯାଇଛି। ତିନିଜଣ ଲେଖାଏ ମହିଳା ଓ ପୁରୁଷ ଅଧିକାରୀଙ୍କୁ ନେଇ ମୋଟ ୫୫ଟି ମିକ୍ସ ବୁଥ୍ କରାଯାଇଛି। ୧୫୫ଟି ବୁଥ୍‌ରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତ ବୁଥ୍‌କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ରହିଛନ୍ତି। ଉତ୍ତେଜନାପୂର୍ଣ୍ଣ ବୁଥଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୭ଜଣ ସେକ୍ଟର ଅଫିସର ଓ ୬ଜଣ ଜୋନାଲ ମାଜିଷ୍ଟ୍ରେଟଙ୍କୁ ନିୟୋଜିତ କରାଯାଇଛି। ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ଇଭିଏମ୍ ସହ ଭୋଟ୍‌ଗ୍ରହଣ ନିମନ୍ତେ ପ୍ରସ୍ତୁତ ହୋଇ ରହିଛନ୍ତି। ମତଦାତାମାନେ ନିରପେକ୍ଷ ଭାବେ କିପରି ମତାଧିକାର ସାବ୍ୟସ୍ତ କରିବେ ସେଥିପ୍ରତି ପୋଲିସ ଓ ଜିଲା ପ୍ରଶାସନ ସଜାଗ ରହିଥିବା ଜଣାଯାଇଛି।

# ଆଜି ୫୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**ଭଦ୍ରକ,୩୧।୫(ସନାତନ ରାଉତ)**

## ମନମୋହନ, ପ୍ରଫୁଲ୍ଲ, ନିରଞ୍ଜନ, ଅନନ୍ତଙ୍କ ଉପରେ ସମସ୍ତଙ୍କ ନଜର

ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ପ୍ରଚାର ଶେଷ ହୋଇଥିବା ବେଳେ ଶୁକ୍ରବାର ରାଜନୈତିକ ବାତାବରଣ ଶାନ୍ତ ପଡ଼ିଛି। ଭଦ୍ରକ ଲୋକ ସଭା ଓ ୫ ବିଧାନସଭା ଆସନ ପାଇଁ ଶନିବାର ୫୪ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଲୋକ ସଭା ଆସନ ଲାଗି ୮ଜଣ ପ୍ରାର୍ଥୀ ଥିବାବେଳେ ଭଦ୍ରକ ବିଧାନସଭା ଆସନ ଲାଗି ୮, ଭଣ୍ଡାରିପୋଖରୀ ୧୩, ଧାମନଗର ୮, ବାସୁଦେବପୁର ୭ ଓ ଚାନ୍ଦବାଲି ପାଇଁ ୧୦ଜଣଙ୍କୁ ମିଶାଇ ମୋଟ ୪୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ବହୁ ହେଭିୱେଟ୍ ନେତା ଅଛନ୍ତି। ଏବେ ସମସ୍ତଙ୍କ ନଜର ହେଭିୱେଟ ନେତାଙ୍କ ଉପରେ ରହିଛି। ଚାନ୍ଦବାଲି ବିଧାନସଭା କ୍ଷେତ୍ରରେ ଭାଜପା ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭଦ୍ରକରେ ବିଜେଡି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ତଥା ୬ ଥରର ବିଧାୟକ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, କଂଗ୍ରେସର ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ଚାନ୍ଦବାଲିରୁ ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟ ପ୍ରମୁଖ ହେଭିୱେଟ୍ ନେତା ରହିଛନ୍ତି। ସେହିପରି ଧାମନଗର ଉପନିର୍ବାଚନରେ ବିଜେଡିର ବିଜୟଧାରାରେ ବ୍ରେକ୍ ଲଗାଇଥିବା ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।

# କାର୍ଯ୍ୟକ୍ଷମ ହେଉନି ଗେଙ୍ଗୁଟି ପୋଲ

## ନିର୍ମାଣକୁ ୩ ବର୍ଷ ପୂରିଲା

### ଏଯାଏ ହୋଇପାରିଲାନି ଆପ୍ରୋଚ୍ ରୋଡ୍

**ଧାମନଗର,୩୧।୫ (ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ବ୍ଲକର ଦୋବଲ ମୁଖ୍ୟ ବଜାର ମଧ୍ୟ ଦେଇ ଯାଇଥିବା ଗେଙ୍ଗୁଟି ନଦୀରେ ନିର୍ମିତ ନୂତନ ପୋଲ ଏଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ନିର୍ମାଣ ସରିବାକୁ ୩ ବର୍ଷ ପୂରିଯାଇଥିବା ବେଳେ ପୋଲର ଦୁଇପାର୍ଶ୍ୱରେ ଆପ୍ରୋଚ୍ ରୋଡ୍ ନ ଥିବାରୁ ଲୋକଙ୍କ କାମରେ ଆସୁନି।

ଏଠାରେ ଥିବା ବହୁ ପୁରାତନ ପୋଲ କ୍ଷେଣ୍ଡପୁର ଦେଇ ପଡ଼ୋଶୀ ଜିଲା ଯାଜପୁର ଟାଉନକୁ ସଂଯୋଗ କରୁଛି। ଉକ୍ତ ପୋଲଟି ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବାରୁ ନୂତନ ପୋଲ ନିର୍ମାଣ ଲାଗି ୨୦୧୮ରେ ରାଜ୍ୟ ସରକାର ପ୍ରାୟ ୧୧ କୋଟି ଅନୁଦାନ ମଞ୍ଜୁର କରିଥିଲେ। ୨୦୨୧ରୁ ନୂତନ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିଲେ ସୁଦ୍ଧା ଦୁଇପଟେ ଆପ୍ରୋଚ୍ ରୋଡ୍ କରାଯାଇ ନାହିଁ। ଏହି



ନିର୍ମାଣ ହୋଇଥିବା ନୂତନ ପୋଲ।

ପୋଲ ଦେଇ ଦୈନିକ ଆନନ୍ଦପୁର, ପାହାଡ଼ପୁର, ଦକ୍ଷିଣକରୁଆ, କାଞ୍ଜିଆପାଳ, ଖଡ଼ିପଦା, ସୋହଡ଼ା, ଖଙ୍ଗରା, ବେଦପୁର, ସାପୁଆ ପାଟଣାର ଲୋକେ ଦୋବଲ ବଜାରକୁ ଯାଇଥାନ୍ତି। ବ୍ୟାଙ୍କ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ଧାମନଗର ତହସିଲ ଅଫିସ୍ ଓ ଧାମନଗର ମହାବିଦ୍ୟାଳୟକୁ ଆସିବା ପାଇଁ ଏହି ପୋଲ ଉପରେ ନିର୍ଭର କରନ୍ତି।

ପୁରୁଣା ପୋଲଟି ତଳୁଆ ଥିବାରୁ ପ୍ରତିବର୍ଷ ଗେଙ୍ଗୁଟି ନଦୀରେ ବନ୍ୟା ଆସିଲେ ସମ୍ପୂର୍ଣ୍ଣ ବୁଡ଼ିଯାଇ ଏହା ଉପରେ ୫ରୁ ୬ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହୋଇଥାଏ। ଏପରିକି ବନ୍ୟା ସମୟରେ ରିଲିଫ ସାମଗ୍ରୀ ବଣ୍ଟନ ଏବଂ ଉଦ୍ଧାର କାର୍ଯ୍ୟରେ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଏସବୁ ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ବହୁବାର ବିଭାଗୀୟ ଅଧିକାରୀ ଏବଂ ସରକାରଙ୍କୁ ଏକ ନୂତନ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ୨୦୧୮ ଜାନୁଆରୀରେ ୧୦ କୋଟି ୬୭ ଲକ୍ଷ ୫୫ ହଜାର ୨୪୭ ଟଙ୍କା ବ୍ୟୟରେ ଏକ ଉଚ୍ଚ ପୋଲ ନିର୍ମାଣ ଲାଗି ଭଦ୍ରକ ପୂର୍ତ୍ତ ବିଭାଗ ଦ୍ୱାରା ଟେଣ୍ଡର କରାଯାଇଥିଲା। ୨୦୨୩ ଫେବୃଆରୀରେ ଭଦ୍ରକ ଜିଲାପାଳ ସେଠାକୁ ଯାଇ ପୋଲର କାର୍ଯ୍ୟ ତଦାରଖ କରିବା ସହ ଆପ୍ରୋଚ୍ ରୋଡ୍ ଖୁବ୍‌ଶୀଘ୍ର ହେବ ବୋଲି କହିଥିଲେ। ହେଲେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ସେହିପରି ପୋଲର ଦକ୍ଷିଣରେ ଥିବା କୋରକଦା ଏବଂ ଉତ୍ତରରେ ଥିବା ଦୋବଲ ପଟେ ବ୍ୟକ୍ତିଗତ ଜମି ଥିବାରୁ ଏଭଳି ସମସ୍ୟା ଲାଗିରହିଛି। ଦକ୍ଷିଣ ପାର୍ଶ୍ୱରେ ଥିବା ଜମି ମାଲିକ ଓ ପୂର୍ତ୍ତ ବିଭାଗ ମଧ୍ୟରେ ବୁଝାମଣା ହୋଇଥିବା ବେଳେ ଉତ୍ତର ପାର୍ଶ୍ୱରେ ଥିବା ଜମି ମାଲିକଙ୍କ ସହ କୌଣସି ବୁଝାମଣା ହୋଇପାରୁ ନାହିଁ। ଉତ୍ତର ପାର୍ଶ୍ୱରେ ଥିବା ଜମି ମାଲିକ ହାଇକୋର୍ଟରେ ଆଶ୍ରୟ ନେଇ ରହିତାଦେଶ ଜାରି କରିବା ଫଳରେ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆଗକୁ ବର୍ଷା ଋତୁ, ପୁଣି ବନ୍ୟା ଆସିବ। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବରୁ ଜମି ସମସ୍ୟା ଦୂର କରି ପୋଲ ନିର୍ମାଣ କାର୍ଯ୍ୟ କରାଯାଇଥିଲେ ଏପରି ସମସ୍ୟା ଉପୁଜି ନ ଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୋଲ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ସଜେଇ ହୋଇଛି ସଖୀ ବୁଥ୍

## ୨୬୭ ଭୋଟଗ୍ରହଣ କେନ୍ଦ୍ରରେ ହେବ ମତଦାନ

**ବାସୁଦେବପୁର,୩୧।୫ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବିଧାନସଭା କ୍ଷେତ୍ର ନିର୍ବାଚନମଣ୍ଡଳୀରେ ମୋଟ ୨୬୭ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ୨,୭୨,୧୨୮ ଭୋଟର ମତଦାନ କରିବେ। ୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ ପାଇଁ ୧୮୮ଟି ବୁଥ୍ କରାଯାଇଥିବା ବେଳେ ତିହିଡ଼ି ବ୍ଲକର ୯ ପଞ୍ଚାୟତ ଲାଗି ୫୨ଟି ଓ ପୌରପାଳିକାର ୨୩ ୱାର୍ଡ ପାଇଁ ୨୭ଟି ମତଦାନ କେନ୍ଦ୍ର କରାଯାଇଛି। ମୋଟ ୧୯ଟି ପିଙ୍କ ବୁଥ୍ କରାଯାଇଛି। ବାସୁଦେବପୁର ପୌରପାଳିକା ଓ ବ୍ଲକ ଅଞ୍ଚଳରେ ୧୫ଟି, ତିହିଡ଼ି ବ୍ଲକର ୯ ପଞ୍ଚାୟତରେ ୪ଟି ପିଙ୍କ୍ ବୁଥ୍ କରାଯାଇଛି। ଏହି ବୁଥ୍‌ଗୁଡ଼ିକୁ ସୁସଜ୍ଜିତ କରାଯିବା ସହ କେବଳ ମହିଳାମାନେ (ଟ୍ରେନିଂ ପ୍ରାପ୍ତ କର୍ମଚାରୀ) ପରିଚାଳନା କରିବେ। ବାସୁଦେବପୁର ପୌରପାଳିକାର




ଏବି ହାଇସ୍କୁଲରେ ମତଦାତାଙ୍କ ପାଇଁ ସଖୀ ବୁଥ୍‌କୁ ସୁସଜ୍ଜିତ କରାଯାଇ ଅଧିକ ଆକର୍ଷଣୀୟ କରାଯାଇଛି। ନିର୍ବାଚନମଣ୍ଡଳୀର ୨,୭୨,୧୨୮ ଭୋଟରଙ୍କ ମଧ୍ୟରୁ ବାସୁଦେବପୁର ବ୍ଲକର ୧,୯୧,୪୯୪ ଭୋଟର ଅଛନ୍ତି।

# ଇଟାଭାଟି ଧୂଆଁରେ ଅଣନିଃଶ୍ୱାସୀ ଲୋକେ



**ଅସୁରାଳି,୩୧।୫(ସନ୍ତୋଷ ପ୍ରଧାନ)**

ଧାମନଗର ବ୍ଲକରେ ବେଆଇନ ଇଟାଭାଟି ଗଢ଼ି ଉଠିଥିବା ବେଳେ ପରିବେଶ ପ୍ରଦୂଷଣର କାରଣ ପାଲଟିଛି। କୋଠାର, ଧୂଷୁରୀ, ବେତାଳିଗାଁ, ସାହସପୁର, ନଦୀଗାଁ, ଅର୍ଜୁନପୁର, ପାଳସାହି, ସାହୁସାହି, ବାହାରବିଲ ଏପରିକି ଆରଡ଼ି ଆଦି ଅଞ୍ଚଳରେ ଇଟା ବ୍ୟବସାୟୀମାନେ ମନଇଚ୍ଛା ଇଟାଭାଟି କରି ବେପାର ଚଳାଇଛନ୍ତି। ପ୍ରବଳ ଗରମ, ଗୁଳୁଗୁଳି ସାଙ୍ଗକୁ ଇଟାଭାଟି ଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି।

ବିଭିନ୍ନ ସରକାରୀ ସ୍ଥାନ, ଗୋଚର, ଅନାବାଦୀ ପଡ଼ିଆ ଜମି, ସ୍କୁଲ ପାଖ ଜମି, ଡାକ୍ତରଖାନା ପାଖ ଜମି, ନଦୀ ପଠା କୌଣସି ଜାଗା ଖାଲି ରଖୁନାହାନ୍ତି ଲାଭଖୋର ବ୍ୟବସାୟୀମାନେ। ନଦୀ ଅବବାହିକାରୁ ଇଟା ପାଇଁ ଉପଯୋଗୀ ମାଟି ଖୋଳି ନିଆଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ କ୍ଷତି ହେଉଛି। ଇଟା ପରିବହନ ପାଇଁ ମାଲିକମାନେ ଅନଭିଜ୍ଞ ଡ୍ରାଇଭରଙ୍କ ଦ୍ୱାରା ଟ୍ରାକ୍ଟର ଚଳାଉଛନ୍ତି। ଫଳରେ ଦୁର୍ଘଟଣା ଘଟିବା ସହ ଗ୍ରାମୀଣ ରାସ୍ତାଗୁଡ଼ିକ କମ୍ ଦିନରେ ଶୋଚନୀୟ ହୋଇପଡୁଛି। ନଦୀବନ୍ଧଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛି। ଜିଲାପାଳ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ବାଲେଶ୍ୱର

# ବସ୍ତାରେ ୭ ବୁଥ୍ ଉତ୍ତେଜନାପ୍ରବଣ

### ୬ ସେକ୍ଟରରେ ମାଜିଷ୍ଟ୍ରେଟ, ୧୬ ସେକ୍ଟରରେ ପୋଲିସ ଅଧିକାରୀ ନିୟୋଜିତ

ବସ୍ତା, ୩୧।୫(ହରିଶଙ୍କର ପାଢ଼ି)- ବାଲେଶ୍ୱର ଜିଲା ତଥା ବାଲେଶ୍ୱର ଲୋକସଭା ଅଧୀନ ବସ୍ତା ନିର୍ବାଚନମଣ୍ଡଳୀରେ ବସ୍ତା ବ୍ଲକର ୧୭ ଓ ବାଲିଆପାଳ ବ୍ଲକରେ ୨୮ଟି ପଞ୍ଚାୟତ ରହିଛି। ବସ୍ତା ବ୍ଲକର ୭ଟି ବୁଥ୍ ଓ ବାଲିଆପାଳର ୪ ବୁଥ୍ ଉତ୍ତେଜନାପ୍ରବଣ ବୁଥ୍ ଚିହ୍ନଟ ହୋଇଛି। ବସ୍ତାର ଗଡ଼ପଦା ପଞ୍ଚାୟତ ଲଛମନଖୁଣ୍ଟାର ୩୩ ଓ ୩୪ ନମ୍ବର ବୁଥ୍ ଓ ବାଖରାବାଦର ୩୭ ନମ୍ବର ବୁଥ୍ ଉତ୍ତେଜନାପ୍ରବଣ ବୁଥ୍ ଚିହ୍ନଟ ହୋଇଛି। ସେହିପରି ମୁକୁଲିସି ପଞ୍ଚାୟତ ରେଣୁପଦାର ୭୬, ମୁକୁଲିସିର ୭୮ ଓ ୭୯ ନମ୍ବର ବୁଥ୍ ଏବଂ ମଥାନୀ ପଞ୍ଚାୟତ ମଥାନୀ ୨୮ ନମ୍ବର ବୁଥ୍ ଉତ୍ତେଜନାପ୍ରବଣ ବୁଥ୍ ଭାବେ ଚିହ୍ନଟ ହୋଇଛି। ନିର୍ବାଚନ ପରିଚାଳନା ପାଇଁ ପୋଲିଂ ଅଫିସର ଓ ପୋଲିସକୁ ମିଶାଇ ୧୭୬୪ଜଣ ସରକାରୀ କର୍ମଚାରୀ ନିୟୋଜିତ ହେବା ସହ ୩୩ ସେକ୍ଟର ଅଫିସର ବସ୍ତା ନିର୍ବାଚନମଣ୍ଡଳୀକୁ ପର୍ଯ୍ୟବେକ୍ଷଣ କରିବେ। ସେହିପରି ୧୬ ସେକ୍ଟରରେ ପୋଲିସ ଅଧିକାରୀ ଓ ୬ ସେକ୍ଟର ମାଜିଷ୍ଟ୍ରେଟ ନିର୍ବାଚନକୁ ତଦାରଖ କରିବେ ବୋଲି ସୂଚନା ମିଳିଛି।

# ବୃଦ୍ଧଙ୍କ ଆତ୍ମହତ୍ୟା

ରୂପସା, ୩୧।୫(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ଥାନା ମଛଡ଼ିହା ଗାଁର କାହ୍ନୁଚରଣ ଜେନା ନାମକ ବୃଦ୍ଧ ଶୁକ୍ରବାର ସକାଳେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘର ପଛ ପଟେ ଏକ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ସକାଳେ ପରିବାର ଲୋକେ ଖୋଜାଖୋଜି କରି ସେ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କର ମସ୍ତିଷ୍କ ବିକୃତି ଥିଲା ବୋଲି ପୋଲିସ କହିଛି। ମୃତଦେହକୁ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୦୨୪) ରୁଜୁ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୨୬୯ କେନ୍ଦ୍ରରେ ଭୋଟ ଦେବେ ୨ଲକ୍ଷ ୫୪ହଜାର ୯୯୯

## ସିମୁଳିଆ ନିର୍ବାଚନମଣ୍ଡଳୀ

**ସିମୁଳିଆ, ୩୧।୫(ସନ୍ତୋଷ ନାୟକ)**

ଶନିବାର ଅନୁଷ୍ଠିତ ଶେଷ ପର୍ଯ୍ୟାୟ ମତଦାନରେ ଉଭୟ ସିମୁଳିଆ ଓ ଖଇରା ବ୍ଲକକୁ ନେଇ ଗଠିତ ୪୨-ସିମୁଳିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୬୯ ମତଦାନ କେନ୍ଦ୍ରରେ ୨ଲକ୍ଷ ୫୪ହଜାର ୯୯୯ଜଣ ଭୋଟର ମତଦାନ କରିବେ। ସିମୁଳିଆ ବ୍ଲକ ୨୨ଟି ପଞ୍ଚାୟତ ୨୮୫ଟି ୱାର୍ଡର ୧ଲକ୍ଷ ୧୯ଶହ ୬୮ ଭୋଟରଙ୍କ ପାଇଁ ୧୧୧ଟି ବୁଥ୍ କରାଯାଇଛି। ସେଥିମଧ୍ୟରେ ୧୦ଟି ସଖି ବୁଥ୍, ୫ଟି ଯୁଥ୍ ବୁଥ୍, ଗୋଟିଏ ଦିବ୍ୟାଙ୍ଗ ବୁଥ୍ ରହିଛି। ଏହି ଭୋଟରମାନଙ୍କ ମଧ୍ୟରେ ଜଣେ ଥାର୍ଡ଼ ଜେଣ୍ଡରଙ୍କ ସମେତ ୪୯ହଜାର ୯ଶହ ମହିଳା ଓ ୫୨ହଜାର ୬୭ଜଣ ପୁରୁଷ ଅଛନ୍ତି। ସେହିପରି ଖଇରା ବ୍ଲକ ୩୭ଟି ପଞ୍ଚାୟତ ୫୧୭ ୱାର୍ଡର ୧ଲକ୍ଷ ୫୩ହଜାର ୩୧ଜଣ ଭୋଟରମାନଙ୍କ ପାଇଁ ୧୫୮ଟି ବୁଥ୍ କରାଯାଇଛି। ସେଥିମଧ୍ୟରେ ୯ଟି ସଖି ବୁଥ୍, ୬ଟି ଯୁଥ୍ ବୁଥ୍, ଗୋଟିଏ ଦିବ୍ୟାଙ୍ଗ ବୁଥ୍ ରହିଛି। ଏହି ଭୋଟରମାନଙ୍କ ମଧ୍ୟରେ ୧୧ଜଣ ଥାର୍ଡ ଜେଣ୍ଡରଙ୍କ ସମେତ ୭୫ହଜାର ୨ଶହ ୪୧ଜଣ ମହିଳା ଓ ୭୭ହଜାର ୭ଶହ ୧୮ଜଣ ପୁରୁଷ ଭୋଟର ଅଛନ୍ତି।

ଚଳିତ ନିର୍ବାଚନ ପାଇଁ ବିଭିନ୍ନ ଦଳରୁ ସିମୁଳିଆ ଓ ଖଇରା ବ୍ଲକରୁ ବିଭିନ୍ନ ୬ଜଣ ପ୍ରତିଯୋଗୀ ନିର୍ବାଚନ ମଇଦାନରେ ଅଛନ୍ତି । ତେବେ ଚଳିତ ନିର୍ବାଚନ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ପ୍ରକୃତ ଟକ୍କର ଭାଜପା ଓ ବିଜେଡି ମଧ୍ୟରେ ହେବ।

# ବିଶ୍ୱ ତମାଖୁ ବର୍ଜନ ଦିବସ



ବୈଠକରେ ଉପସ୍ଥିତ ଅନୁଷ୍ଠାନର ସଦସ୍ୟଗଣ।

**ବାଲେଶ୍ୱର, ୩୧।୫(ମାନସ ବିଶ୍ୱାଳ)**

ବାଲେଶ୍ୱର ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ 'ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର ପକ୍ଷରୁ 'ବିଶ୍ୱ ତିମାଖୁ ବର୍ଜନ ଦିବସ' ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଭାକର ସାହୁ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ତମାଖୁ ସେବନର ଭୟାବହତାର ଚିତ୍ର ଉପସ୍ଥାପନ କରିଥିଲେ। ବୈଠକରେ 'ମୋନା'ର ଉପଦେଷ୍ଟା ସୁବ୍ରତ କର ତେଲେଙ୍ଗାନା ସରକାରଙ୍କ ପରି ଓଡ଼ିଶାରେ ତମାଖୁ ସେବନ ନିଷେଧ କରାଯିବାକୁ ସରକାରଙ୍କଠାରେ ଦାବି କରିଥିଲେ। ଉପସଭାପତି ଡ. କ୍ଷୀତିଶ୍ୱର ଦାଶ ଭାରତରେ ପ୍ରତି ଘଣ୍ଟାରେ ୩ଜଣ ତମାଖୁସେବନ କରୁଥିବା କାରଣରୁ ମୃତ୍ୟୁମୁଖରେ ପଡୁଥିବା ଓ କରୋନା ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ସର୍ବାଧିକ ହାର ଥିବା ପ୍ରକାଶ କରିଥିଲେ। ବୈଠକରେ ଗଙ୍ଗାଧର ପୃଷ୍ଟି, ଶଶାଙ୍କ ଶେଖର ଦତ୍ତ, ସୀତାରାମ ପ୍ରଧାନ, ବସନ୍ତ ପ୍ରଧାନ ଓ କମଳାକାନ୍ତ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଏଥର ଖଇରାରେ ୯ ପିଙ୍କ୍ ବୁଥ୍

**ଖଇରା, ୩୧।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ୯ଟି ପିଙ୍କ୍ ବୁଥ ଓ ଗୋଟିଏ ଦିବ୍ୟାଙ୍ଗ ବୁଥ ନିର୍ମାଣ କରାଯାଇଛି। ପିଙ୍କ୍ ବୁଥ ମଧ୍ୟରେ ଖଇରା ସରକାରୀ ହାଇସ୍କୁଲରେ ୩, କୁପାରୀ ହାଇସ୍କୁଲରେ ୩ ଏବଂ ନହଙ୍ଗ ହାଇସ୍କୁଲରେ ୨ ଏବଂ ବଣପାରିଆରେ ଏକ ବୁଥକୁ ପିଙ୍କ୍ ବୁଥ୍ କରାଯାଇଛି। ସେହିଭଳି ଅର୍ଜୁନପୁର ୟୁପି ସ୍କୁଲ ବୁଥକୁ ଦିବ୍ୟାଙ୍ଗ ବୁଥ୍ ଭାବେ ଚିହ୍ନଟ କରାଯାଇଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କାଳିପଦା, ୩୧।୫(ରାଜଶ୍ରୀ ପାଣିଗ୍ରାହୀ): ବାଲିଆପାଳ ବ୍ଲକ ଅଧୀନ ମଧୁପୁରା ପଞ୍ଚାୟତ ସିମୁଳିଆ ଗ୍ରାମର ବଂଶୀଧର ପାତ୍ରଙ୍କ ପୁଅ ଆଶିଷ ପାତ୍ର (୪୫) ନିଜ ଘରେ ବସିଥିବା ବେଳେ କାଳବୈଶାଖୀଜନିତ ବର୍ଷା ଓ ଘଡ଼ଘଡ଼ି ହୋଇଥିବା ବେଳେ ହଠାତ୍ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ପରିବାର ଲୋକେ ବଜ୍ରପାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରୁଛନ୍ତି।

# ଝୋଟ ଗୋଦାମରେ ନିଆଁ

## ଜଳିଗଲା ଝୋଟ, ଚିନାବାଦାମ, ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ



ଜଳିଯାଉଛି ଝୋଟ ଗୋଦାମ।

**ବାଲିଆପାଳ, ୩୧।୫(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଇଡ୍‌କୋ ହସ୍ପିଟାଲ ଅନତି ଦୂରରେ ଥିବା ସିମୁଳିଆ ଗ୍ରାମର ବିଜୟ ବିଶ୍ୱାଳଙ୍କ ଝୋଟ ଓ ଚିନାବାଦାମ ଗୋଦାମରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗିଛି। ଏହି ଅଗ୍ନିକାଣ୍ଡ ଯୋଗୁ ହଜାର ହଜାର କୁଇଣ୍ଟାଲ ଝୋଟ, ଚିନାବାଦାମ ସହିତ ଲକ୍ଷାଧିକ ଟଙ୍କାର ପ୍ରୋସେସିଂ ମେଶିନରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳୁଛି। ବାଲିଆପାଳ, ବସ୍ତା, ଭୋଗରାଇର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ତେବେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଦମକଳ ଅଚଳ ହୋଇପଡ଼ିଥିବା ବେଳେ ଗୋଟିଏ ଦମକଳରେ ନିଆଁ ଲିଭା କାର୍ଯ୍ୟ ଚାଲିଛି। ଯାହାକି, ନିଆଁକୁ ଆୟତ୍ତ କରିବାରେ ସମ୍ଭବ ହେଉନି। ଫଳରେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଗୋଟିଏ ଦମକଳ ସାହାଯ୍ୟରେ ନିଆଁ ଲିଭା କାର୍ଯ୍ୟ ଚାଲିଥିବା ବେଳେ ହଜାର ହଜାର କୁଇଣ୍ଟାଲ ଝୋଟ, ଚିନାବାଦାମ ସହିତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡର ଜଣାପଡିନାହିଁ।

# ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲା ଶିକ୍ଷକ ସଂଘ

ଖଇରା, ୩୧।୫(ଉତ୍କଳବନ୍ଧୁ ପଣ୍ଡା)- ବଲେଶ୍ୱର ଜିଲା ଖଇରା ବ୍ଲକ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ୫୫୮ ନମ୍ବର ରଖି ଟପ୍ପର ହୋଇଥିବା ରୁଦ୍ରମପୁର ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ସୁଶାନ୍ତ କୁମାର ବେହେରାଙ୍କୁ ଓଷ୍ଟା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ସଂଘର କର୍ମକର୍ତ୍ତାମାନେ ସୁଶାନ୍ତଙ୍କ ସିଙ୍ଗିଡି ବାସଭବନକୁ ଯାଇ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ବର୍ଦ୍ଧନା ସ୍ଥଳରେ ସଭାପତି ବ୍ରହ୍ମାନନ୍ଦ ସାହୁ, ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ହୋତା, ପରାମର୍ଶଦାତା ଜୟନ୍ତ କୁମାର ପଣ୍ଡା, ପ୍ରଦୀପ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ଭରତ କୁମାର ଦାସ ଉପସ୍ଥିତ ଥିଲେ। ସୁଶାନ୍ତଙ୍କ ବାପାଙ୍କ ଢ଼ୁଙ୍ଗୁରା ବଜାରରେ ଏକ ଫଳ ଦୋକାନ ଅଛି ।



ଓଷ୍ଟାର କର୍ମକର୍ତ୍ତା ମାନଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ସୁଶାନ୍ତ।

